# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୦୨.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ଜୟନ୍ତି ସାହୁ,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀ ସନ୍ତୋଷ କୁମାର ସିଂହ,
୬. ଶ୍ରୀ ଶ୍ରୀଧର ବେହେରା

ଅଦ୍ୟ ତା ୧୫.୦୨.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରତ୍ୟେକ ୱାର୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପ୍ରାୟ ଏକ କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ କେତେ ସଂଖ୍ୟକ ଟେଣ୍ଡର ଆହ୍ୱାନ କରାଯାଇଅଛି, କେତେ ସଂଖ୍ୟକ କାର୍ଯ୍ୟର କାର୍ଯ୍ୟାଦେଶ ଦିଆଯାଇଅଛି, କେତେ ସଂଖ୍ୟକ କାର୍ଯ୍ୟର Joint Field verification ପାଇଁ ରହିଅଛି, କେତେ ଟେଣ୍ଡର ପ୍ରୋସେସ୍‌ରେ ଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୀମପୁର Duplex Colony ର internal ରାସ୍ତା ଓ ଡ୍ରେନ୍ କାମ କରିବା ପାଇଁ ଟେଣ୍ଡର ଡ଼କାଯାଇ କାର୍ଯ୍ୟାଦେଶ ଦିଆଯାଇଅଛି କିନ୍ତୁ ଉକ୍ତ ରାସ୍ତା ଅଂଶ ଜମି ସମ୍ପୃକ୍ତ ବିଲ୍ଡର୍ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିନାହାଁନ୍ତି ତେଣୁ ଉକ୍ତ ରାସ୍ତା ଅଂଶ ଜମିର ସ୍ଥିତି ସମ୍ପର୍କରେ ଉପ ଆୟୁକ୍ତ, ଲ୍ୟାଣ୍ଡ୍ ଙ୍କ ଠାରୁ clearance ଅଣାଯାଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ ସମୟରେ ଜବରଦଖଲ ଥିବା ଯୋଗୁଁ, Land clearance ନ ହୋଇପାରିବାରୁ ଏବଂ କୋର୍ଟ କେସ୍ କାରଣ ଯୋଗୁଁ କାର୍ଯ୍ୟ ସମ୍ପାଦନ ହୋଇପାରୁନାହିଁ ତେଣୁ ଉପ ଆୟୁକ୍ତ, ଆଇନ୍ ଓ ଉପ ଆୟୁକ୍ତ ଲ୍ୟାଣ୍ଡ୍ ଏବଂ ଏନ୍‌ଫୋର୍ସମେଂଟ ପ୍ରତ୍ୟେକ ମାସ ବୈଠକରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ୧୧.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଅମରେଶ ଜେନା
ସଭାପତି
ତା ୧୫.୦୨.୨୦୨୩ ରିଖ